# NATIONAL NEWS BULLETIN (ODIA)
## 19 September - 2024
## Evening Bulletin : 7.15 p.m.

*************************************

## ମୁଖ୍ୟ ସମ୍ବାଦ

- ଉଜ୍ଜୟିନୀଠାରେ ସଫେଇ ମିତ୍ର ସମ୍ମିଳନୀକୁ ସମ୍ବୋଧନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

– ଉଜ୍ଜୟିନୀ–ଇନ୍ଦୋର ୬ ଲେନ୍ ବିଶିଷ୍ଟ ଜାତୀୟ ରାଜପଥର ଆଭାସୀ ମାଧ୍ୟମରେ କଲେ ଭୂମିପୂଜନ ।

- ବିଧାନସଭା ନିର୍ବାଚନରେ ଅଧିକରୁ ଅଧିକ ମତଦାନ କରିବାକୁ ଜାମ୍ମୁ-କାଶ୍ମୀରବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ସମବାୟ ସମିତି ଜରିଆରେ ସରକାର ଗ୍ରାମୀଣ ଅର୍ଥନୀତିକୁ ପ୍ରୋତ୍ସାହିତ କରୁଛନ୍ତି; କହିଲେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ।

- ଭୁବନେଶ୍ୱରଠାରେ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରମ ସଂସ୍କାର, ସାମାଜିକ ସୁରକ୍ଷା ଓ ନିଯୁକ୍ତି ପର୍ଯ୍ୟବେସିତ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଚତୁର୍ଥ ଆଞ୍ଚଳିକ ବୈଠକ ।

ଏବଂ

- ଚେନ୍ନାଇ ଟେଷ୍ଟମ୍ୟାଚ୍‌ର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬ ଓ୍ୱିକେଟ୍ ବିନିମୟରେ ଭାରତ ସଂଗ୍ରହ କରିଛି ୩୩୯ ରନ୍ ।

## ପ୍ରେଜ୍-ସଫାଇ ମିତ୍ର ସମ୍ମେଳନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ସାଂସ୍କୃତିକ ବୈଭବ ଏବଂ ସଭ୍ୟତା ଉଜ୍ଜୟିନୀର ମହାକାଳଠାରେ କେତେ ଶତାବ୍ଦୀ ଧରି ଉଦ୍‌ଜୀବିତ ହୋଇ ରହିଛି । ଉଜ୍ଜୟିନୀଠାରେ ସଫେଇ ମିତ୍ର ସମ୍ମିଳନୀକୁ ସମ୍ବୋଧନ କରି ରାଷ୍ଟ୍ରପତି ଏହା କହିଛନ୍ତି ।  ରାଷ୍ଟ୍ରପତି କହିଛନ୍ତି, ଗତ ୧୦ବର୍ଷରେ ସ୍ୱଚ୍ଛତା ଏକ ରାଷ୍ଟ୍ରୀୟ  ଅଭିଯାନରେ ପରିଣତ ହୋଇଛି । ଏହାଦ୍ୱାରା ଦେଶରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି । ମଧ୍ୟପ୍ରଦେଶର ଅନେକ ସହର ସଫେଇ ମିତ୍ର ସୁରକ୍ଷିତ ସହର ଘୋଷଣା କରାଯାଇଥିବାରୁ ରାଷ୍ଟ୍ରପତି ସନ୍ତୋଷବ୍ୟକ୍ତ କରିଛନ୍ତି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଉଜ୍ଜୟିନୀ ଏବଂ ଇନ୍ଦୋର ମଧ୍ୟରେ ୬ଲେନ୍ ବିଶିଷ୍ଟ ଜାତୀୟ ରାଜପଥର ଆଭାସୀ ମାଧ୍ୟମରେ ଭୂମିପୂଜନ କରିଛନ୍ତି । ସେ କହିଛନ୍ତି, ୨୦୨୫ ମସିହା ପର୍ଯ୍ୟନ୍ତ ଚାଲିବାକୁ ଥିବା ସ୍ୱଚ୍ଛ ଭାରତ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟରେ ସଂପୂର୍ଣ୍ଣ ସ୍ୱଚ୍ଛତା ଲକ୍ଷ୍ୟ ହାସଲ କରିବାର ଆବଶ୍ୟକତା ରହିଛି ।

ଏହି ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ କହିଛନ୍ତି, ସ୍ୱଚ୍ଛ ଭାରତ ଅଭିଯାନରେ ମଧ୍ୟପ୍ରଦେଶ ଦ୍ୱିତୀୟ ସ୍ଥାନ

ହାସଲ କରିଛି । ଇନ୍ଦୋର ୭ଥର ଦେଶର ସବୁଠାରୁ ସ୍ୱଚ୍ଛ ସହର ଭାବେ ପରିଗଣିତ ହୋଇଛି । ସେ କହିଛନ୍ତି ସ୍ୱଚ୍ଛ ରାଜଧାନୀ ଭାବରେ ଭୋପାଳ ମଧ୍ୟ ତାଲିକାରେ ସ୍ଥାନ ପାଇଛି ।

ରାଜ୍ୟପାଳ ମଙ୍ଗୁଭାଇ ପଟେଲ କହିଛନ୍ତି, ଉଜ୍ଜୟିନୀ-ଇନ୍ଦୋର ଜାତୀୟ ରାଜପଥ ୬ ଲେନ୍ ହେବା ପରେ ଉଜ୍ଜୟିନୀ ଆସୁଥିବା ଭକ୍ତମାନଙ୍କ ପାଇଁ ସୁବିଧା ହେବ । ଏହାଦ୍ୱାରା ପର୍ଯ୍ୟଟନର ବିକାଶ ସହ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ମଧ୍ୟ ଉନ୍ନତି ହେବ । ଆଜିର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମୁର୍ମୁ ୫ଜଣ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି ।

## ଜେକେ-ପିଏମ୍ ର୍ୟାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାମ୍ମୁ-କାଶ୍ମୀରବାସୀଙ୍କୁ ବିଧାନସଭା ନିର୍ବାଚନରେ ଅଧିକରୁ ଅଧିକ ମତଦାନ କରିବାକୁ ଆହ୍ୱାନ ଦେଇଛନ୍ତି। ଶ୍ରୀନଗରଠାରେ ଆଜି ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ' ଜାମ୍ମୁ-କାଶ୍ମୀରକୁ ରାଜ୍ୟ ମାନ୍ୟତା ଦେବାରେ ବିଜେପିର ପ୍ରତିଶ୍ରୁତିକୁ ମନେ ପକାଇ କହିଛନ୍ତି, ବିଜେପି ତାର ପ୍ରତିଶ୍ରୁତିକୁ ପାଳନ କରିଥାଏ। ପ୍ରଥମ ପର୍ଯ୍ୟାୟ ମତଦାନରେ ବହୁ ମତଦାତା ଯୋଗଦାନ କରି ଇତିହାସ ସୃଷ୍ଟି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆତଙ୍କବାଦର ଭୟ ବିନା ପ୍ରଥମଥର ପାଇଁ ଜାମ୍ମୁ-କାଶ୍ମୀରରେ ଗତକାଲି ଶାନ୍ତିଶୃଙ୍ଖଳାର ସହ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି।

କାଶ୍ମୀରରେ ଏବେ ଶାନ୍ତି ଫେରିଛି। ପୂର୍ବର ଅଶାନ୍ତ କାଶ୍ମିରୀ ପାଇଁ ପ୍ରଧାନମନ୍ତ୍ରୀ ନ୍ୟାସନାଲ କନଫରେନ୍ସ, ପିପୁଲ୍ସ ଡେମୋକ୍ରାଟିକ ପାର୍ଟି, ପି.ଡି.ପି. ଏବଂ କଂଗ୍ରେସ ଦାୟୀ ବୋଲି କହିଥିଲେ। ଜାମ୍ମୁ-କାଶ୍ମୀରରେ ଶାନ୍ତି ଫେରିଥିବାରୁ ଜି-୨୦ ଶିଖର ସମ୍ମିଳନୀ ସମ୍ଭବ ହୋଇପାରିଥିଲା। ଉତ୍ତରକାଶ୍ମୀରର ଗୁଲମର୍ଗଠାରେ ପ୍ରତିବର୍ଷ ଖେଲୋ ଇଣ୍ଡିଆ ଓ୍ୱିଣ୍ଟର ଗେମ୍ସ ଆୟୋଜିତ ହେଉଛି। ବିଧାନସଭା ନିର୍ବାଚନ ଲଢୁଥିବା ଦଳୀୟ ପ୍ରାର୍ଥୀଙ୍କ ମଧ୍ୟରୁ ଜାମ୍ମୁ-କାଶ୍ମୀରର ପୂର୍ବତନ ଉପମନ୍ତ୍ରୀ ନିର୍ମଳ ସିଂ, ଜାମ୍ମୁ-କାଶ୍ମୀର ଓ୍ୱାକଫ ବୋର୍ଡର ଅଧ୍ୟକ୍ଷ ଦରସ୍କାନା ଆନ୍ଦ୍ରାଭି,  ରାଜ୍ୟସଭା ସଦସ୍ୟ ଗୁଲାମ ଅଲ୍ଲୀ ଖତାନା ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ।

## ପି.ଏମ୍. - ଓ୍ୱାର୍ଦ୍ଧା

ପି.ଏମ୍. ବିଶ୍ୱକର୍ମା ଯୋଜନାର ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ମହାରାଷ୍ଟ୍ରର ଓ୍ୱାର୍ଦ୍ଧାଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ଏହି ଅବସରରେ ଶ୍ରୀ ମୋଦି ଏହି ଯୋଜନାର ହିତାଧିକାରୀଙ୍କୁ ଋଣ ଓ ମାନପତ୍ର ପ୍ରଦାନ କରିବେ । ୧୮ଟି ବିଭିନ୍ନ ବର୍ଗର ୧୮ ଜଣ ହିତାଧିକାରୀଙ୍କୁ ସେମାନଙ୍କର ଉତ୍କର୍ଷ ପ୍ରଦର୍ଶନ ଲାଗି ପ୍ରଧାନମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ । ଏହାଛଡ଼ା ଶ୍ରୀ ମୋଦି ଏହି ଅବସରରେ ଏକ ସ୍ମାରକୀ ଡାକଟର ମଧ୍ୟ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି ।

ମହାରାଷ୍ଟ୍ର ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଅମରାବତୀଠାରେ ପି.ଏମ୍. ମିତ୍ର ପାର୍କ ପ୍ରତିଷ୍ଠା ଲାଗି ଶିଳାନ୍ୟାସ କରିବେ । ପ୍ରାୟ ୧ ହଜାର ଏକର ପରିମିତ ଅଞ୍ଚଳରେ ବିକଶିତ ହେବାକୁ ଥିବା ଏହି ପାର୍କ ବୟନଶିଳ୍ପ କ୍ଷେତ୍ରରେ ଭାରତକୁ ବିଶ୍ୱ ହବ୍ ଭାବେ ପ୍ରତିଷ୍ଠା କରିବା ଦିଗରେ ଅନ୍ୟ ଏକ ପଦକ୍ଷେପ ବୋଲି ସରକାରୀ ଭାବେ କୁହାଯାଇଛି ।

ପରେ ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ର ସରକାରଙ୍କର ଆଚାର୍ଯ୍ୟ ଚାଣକ୍ୟ ଦକ୍ଷତା ବିକାଶ କେନ୍ଦ୍ରର ଉଦ୍‌ଘାଟନ କରିବେ । ରାଜ୍ୟର ୧୫ରୁ ୪୫ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ଆତ୍ମନିର୍ଭର କରାଇବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ ମହାବିଦ୍ୟାଳୟରେ ଦକ୍ଷତା ବିକାଶ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ପୁଣ୍ୟଶ୍ଳୋକ ଆହିଲାଦେବୀ ହୋଲ୍‌କର ମହିଳା ଷ୍ଟାର୍ଟଅପ୍ ଯୋଜନାର ଶୁଭାରମ୍ଭ କରିବେ । ଏହି ଯୋଜନା ଅଧୀନରେ ମହାରାଷ୍ଟ୍ରର ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ୍‌ଗୁଡ଼ିକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ସମାଜର ସମସ୍ତ ବର୍ଗର ମହିଳାଙ୍କୁ ଆତ୍ମନିର୍ଭର କରିବା ଦିଗରେ ଏହି ଯୋଜନା ସହାୟକ ହେବ ।

# ଏଚ୍‌ଏମ୍‌-କର୍ପୋରେଟ୍‌

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଏନ୍‌ଡିଏ ସରକାର ସମବାୟ ମନ୍ତ୍ରଣାଳୟ ପ୍ରତିଷ୍ଠା କରି ଏ କ୍ଷେତ୍ରରେ ଦୀର୍ଘଦିନର ଦାବିକୁ ପୂରଣ କରିଛନ୍ତି। ସମସ୍ତ ଗ୍ରାମ ଏବଂ ଜିଲ୍ଲାରେ ରହିଥିବା ସମବାୟ କ୍ଷେତ୍ରକୁ ପୁନର୍ଜୀବିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ସମବାୟ ମନ୍ତ୍ରଣାଳୟ ପକ୍ଷରୁ୧୦୦ ଦିନ ମଧ୍ୟରେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଶାହା ଏହା କହିଛନ୍ତି। 'ସହକାର୍‌ ସେ ସମୃଦ୍ଧି' ଶୀର୍ଷକ ବିଷୟବସ୍ତୁ ଅଧୀନରେ ମନ୍ତ୍ରଣାଳୟ ପକ୍ଷରୁ ୧୦୦ ଦିନ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କିତ ତଥ୍ୟକୁ ଶ୍ରୀ ଶାହା ଉପସ୍ଥାପନ କରିଥିଲେ। ଏହି ଅବସରରେ ଗ୍ରାମ ଏବଂ ପଞ୍ଚାୟତସ୍ତରରେ ଖୋଲାଯାଇଥିବା ୨ ଲକ୍ଷ ନୂତନ ଏମ୍‌.ପି.ଏ.ସି.ଏସ୍‌.ମାର୍ଗଦର୍ଶିକା ଏବଂ ଶ୍ୱେତ ବିପ୍ଲବ-**2.0** ଆଧାରିତ ମାନକ ପରିଚାଳନା ନିୟମାବଳୀର ଶୁଭାରମ୍ଭ କରିଥିଲେ। ମହିଳାଙ୍କୁ ସଶକ୍ତ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ସମବାୟ କ୍ଷେତ୍ରକୁ ଅଧିକ ପରିବ୍ୟାପ୍ତ କରିବା ଲକ୍ଷ୍ୟରେ ଶ୍ୱେତ ବିପ୍ଲବୀ- **2.0** କୁ ପ୍ରଚଳନ କରାଯାଉଛି। ଏହା ମାଧ୍ୟମରେ ଗ୍ରାମୀଣ ଉତ୍ପାଦକଙ୍କ ଜୀବିକାକୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ସମବାୟ ସମିତି ଜରିଆରେ ସରକାର ଗ୍ରାମୀଣ ଅର୍ଥନୀତିକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ, ପଶୁପାଳନ, ଦୁଗ୍ଧ ଓ

ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ, ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପ୍ରଧାନମନ୍ତ୍ରୀ-ୟୁଏସ୍ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ଆମେରିକା ଗସ୍ତରେ ଯିବେ । ନୂଆଦିଲ୍ଲୀଠାରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ବୈଦେଶିକ ସଚିବ ବିକ୍ରମ ମିଶ୍ର କହିଛନ୍ତି, ଆମେରିକା ସହ ବିଭିନ୍ନ ଦ୍ୱିପାକ୍ଷିକ ତଥା ବହୁପକ୍ଷୀୟ ସହଯୋଗ ବୃଦ୍ଧି ପ୍ରଧାନମନ୍ତ୍ରୀ ଏହି ଗସ୍ତର ଉଦ୍ଦେଶ୍ୟ। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ବୈଶ୍ୱିକ ନେତାଙ୍କ ସହ ବିଭିନ୍ନ ଦ୍ୱିପାକ୍ଷୀକ ପ୍ରସଙ୍ଗ ନେଇ ଆଲୋଚନା କରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

୨୧ ତାରିଖ ଦିନ ଡେଲାୱେରେର ୱିଲ୍‌ମିଙ୍ଗ୍‌ଟନ୍ ଠାରେ ଆୟୋଜିତ ହେବାକୁ ଥିବା ଚତୁର୍ଥ କ୍ୱାଡ୍ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବେ । ଚଳିତ ଶିଖର ସମ୍ମିଳନୀର ଆୟୋଜକ ଆମେରିକାର ଅନୁରୋଧ କ୍ରମେ ଆସନ୍ତାବର୍ଷ ଭାରତ ପରବର୍ତ୍ତୀ କ୍ୱାଡ୍ ଶିଖର ସମ୍ମିଳନୀ ଆୟୋଜନ କରିବାକୁ ସମ୍ମତି ପ୍ରଦାନ କରିଛି । ସେ କହିଛନ୍ତି, ଆସନ୍ତା ୨୩ ତାରିଖରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ସାଧାରଣ ସଭା 'ସମିଟ୍ ଅଫ୍ ଦି ଫିଉଚର୍'କୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବେ । ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି, 'ଉତ୍ତମ ଭବିଷ୍ୟତ ପାଇଁ ବହୁପକ୍ଷୀୟ

ସମାଧାନ’ । ଏହି ସମ୍ମିଳନୀରେ ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃତ୍ୱ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଭିନ୍ନ ରାଷ୍ଟ୍ରର ନେତାଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ନେଇ ବୈଠକ ଆଲୋଚନା କରିବେ । ନ୍ୟୁୟର୍କରେ ରହୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ସମାବେଶକୁ ୨୨ ତାରିଖ ଦିନ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ବିଭିନ୍ନ ଅତ୍ୟାଧୁନିକ କ୍ଷେତ୍ରରେ ଭାରତ ଏବଂ ଆମେରିକା ସହଯୋଗକୁ ଅଧିକ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସେଠାକାର ଅଗ୍ରଣୀ କମ୍ପାନୀ ଗୁଡ଼ିକର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ ।

## ଶ୍ରମ ଓ ନିଯୁକ୍ତି ଆଞ୍ଚଳିକ ବୈଠକ

ଶ୍ରମ ସଂସ୍କାର, ସାମାଜିକ ସୁରକ୍ଷା ଓ ନିଯୁକ୍ତି ଉପରେ ପର୍ଯ୍ୟବେସିତ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଚତୁର୍ଥ ଆଞ୍ଚଳିକ ବୈଠକ ଆସନ୍ତାକାଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡ଼ ଅଂଶଗ୍ରହଣ କରିବେ। କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ବୈଠକରେ ଶ୍ରମ ସଂସ୍କାର, ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଏବଂ କର୍ମଚାରୀ ରାଜ୍ୟ ବୀମା ନିଗମ ଓ  ନିଯୁକ୍ତି ସୁଯୋଗ ସୃଷ୍ଟି ନେଇ ବିସ୍ତୃତ ଆଲୋଚନା କରାଯିବ। ମନ୍ତ୍ରଣାଳୟ ସଚିବ ସୁମିତା ଦାୱରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ

କେନ୍ଦ୍ର ଏବଂ ଅଂଶଗ୍ରହଣ କରୁଥିବା ରାଜ୍ୟଗୁଡ଼ିକର ବିଭାଗୀୟ ବରିଷ୍ଠ ପଦାଧିକାରୀ ଯୋଗଦେବେ ।

## ୟୁପି ଟ୍ରେନ୍ ଚଳାଚଳ ବାତିଲ

ଉତ୍ତର ପ୍ରଦେଶର ମଥୁରା ଜଙ୍କସନ୍ ଦେଇ ଯାତାୟାତ କରୁଥିବା ୧୨ରୁ ଅଧିକ ଟ୍ରେନ୍‌ର ଚଳାଚଳକୁ ଆସନ୍ତାକାଲି ପର୍ଯ୍ୟନ୍ତ ବାତିଲ କରାଯାଇଛି । ବୃନ୍ଦାବନ ରେଳଷ୍ଟେସନ୍ ନିକଟରେ ଗତକାଲି ସନ୍ଧ୍ୟାରେ ଏକ ମାଲବାହୀ ଗାଡ଼ି ଲାଇନଚ୍ୟୁତ ହେବାରୁ ଉତ୍ତର କେନ୍ଦ୍ରୀୟ ରେଳବାଇ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଏପରିକି କେତେକ ଟ୍ରେନ୍‌ର ଗତିପଥ ମଧ୍ୟ ବଦଳାଯାଇଛି ।

ସୂଚନାଯୋଗ୍ୟ, ଗତକାଲି ସନ୍ଧ୍ୟାରେ ମାଲଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହେବାରୁ ୨୫ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା । ଟ୍ରେନ୍ ଚଳାଚଳ ବାତିଲ ଏବଂ ଗତିପଥ ବଦଳା ଯୋଗୁଁ ମଥୁରା ଓ ଆଗ୍ରା ରେଳଷ୍ଟେସନ୍‌ରେ ବହୁ ଯାତ୍ରୀ ଅଟକି ରହିଛନ୍ତି । ଦୁର୍ଘଟଣାସ୍ଥଳରେ ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

## ଇଣ୍ଡିଆ-ବାଂଲାଦେଶ କ୍ରିକେଟ୍ ଟେଷ୍ଟ

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଥିବା ଭାରତ-ବାଂଲାଦେଶ ପ୍ରଥମ ଟେଷ୍ଟମ୍ୟାଚ୍‌ର ପ୍ରଥମ ଦିନ ଖେଳ

ଶେଷ ସୁଦ୍ଧା ଭାରତ ୬ ୱିକେଟ୍ ବିନିମୟରେ ୩୩୯ ରନ୍ ସଂଗ୍ରହ କରିଛି। ଟସ୍ ଜିତି ବାଂଲାଦେଶ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଷ୍ଟମ୍ପ୍ ଅପସାରଣ ବେଳକୁ ରବିଚନ୍ଦ୍ରନ ଅଶ୍ୱିନୀ ୧୦୨ ରନ୍ ଏବଂ ରବୀନ୍ଦ୍ର ଜାଡେଜା ୮୬ ରନ୍ କରି ଅପରାଜିତ ଅଛନ୍ତି। ରବିଚନ୍ଦ୍ରନ ଅଶ୍ୱିନୀ ତାଙ୍କ ଟେଷ୍ଟ ଜୀବନର ଷଷ୍ଠ ଶତକ ହାସଲ କରିଛନ୍ତି। ଅନ୍ୟ ବ୍ୟାଟ୍ସମ୍ୟାନ୍ଙ୍କ ମଧ୍ୟରେ ଯଶ୍ୱସୀ ଜୟସ୍ୱାଲ ୫୬ ରନ୍ ଏବଂ ରିଶବ ପନ୍ତ ୩୯ ରନ୍ କରିଥିଲେ। ଶଭମନ ଗିଲ୍ ଶୂନ୍ୟରେ ଆଉଟ୍ ହୋଇଥିବାବେଳେ ରୋହିତ ଶର୍ମା ଏବଂ ବିରାଟ କୋହଲି ୬ ରନ୍ ଲେଖାଏଁ ସଂଗ୍ରହ କରିପାରିଥିଲେ। କେ.ଏଲ୍ ରାହୁଲ ୧୬ ରନ୍ କରି ଆଉଟ୍ ହୋଇଥିଲେ। ବାଂଲାଦେଶ ପକ୍ଷରୁ ହସନ ମେହମ୍ମୁଦ ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି।